# REGIONAL NEWS UNIT, AIR CUTTACK

## Evening Bulletin (6.45 PM)

**3 January - 2025**

**News Editor : *Tapan Kumar Maharana***

**********************************

## ମୁଖ୍ୟ ସମ୍ବାଦ

- ଭୁବନେଶ୍ୱର ଲୋକସେବା ଭବନରେ ମୁଖ୍ୟମନ୍ତ୍ରୀଙ୍କ ଅଧ୍ୟକ୍ଷତାରେ ଚାଲିଛି ରାଜ୍ୟ କ୍ୟାବିନେଟ୍ ବୈଠକ
- ରାଜ୍ୟରେ ହୋଇଥିବା ଅଦିନିଆ ବର୍ଷାରେ ପ୍ରାୟ ୨ ଲକ୍ଷ ୨୭ ହଜାର ହେକ୍ଟର ଜମିରେ ୩୩ ପ୍ରତିଶତରୁ ଅଧିକ ଫସଲ ନଷ୍ଟ
- ଆର୍ଥିକବର୍ଷ ବଜେଟ୍ ପ୍ରସ୍ତୁତି ପାଇଁ ଜନସାଧାରଣଙ୍କ ପରାମର୍ଶ ଲୋଡିଲା ଅର୍ଥବିଭାଗ
- ଓଡ଼ିଶାର ୨୭ତମ ରାଜ୍ୟପାଳ ଭାବେ ଡକ୍ଟର ହରିବାବୁ କମ୍ଭମ୍‌ପତି ନେଲେ ଶପଥ

ଏବଂ

- ବରଗଡ଼ରେ ଆଜିଠାରୁ ଆରମ୍ଭ ହେଲା ବିଶ୍ୱ ପ୍ରସିଦ୍ଧ ଧନୁଯାତ୍ରା

## କ୍ୟାବିନେଟ୍ ବୈଠକ

ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କ ଅଧ୍ୟକ୍ଷତାରେ ଭୁବନେଶ୍ୱର ଲୋକସେବା ଭବନରେ ବର୍ତ୍ତମାନ ରାଜ୍ୟ କ୍ୟାବିନେଟ୍‌ର ବୈଠକ ଚାଲିଛି। ମିଳିଥିବା ସୂଚନା ଅନୁସାରେ, ବୈଠକରେ ପଞ୍ଚାୟତିରାଜ, ଶକ୍ତି, ନଗର ଉନ୍ନୟନ, ପୂର୍ତ୍ତ ଓ  ଶିକ୍ଷା ବିଭାଗ ସମ୍ପର୍କିତ କେତେକ ପ୍ରସ୍ତାବ ଉପରେ ଆଲୋଚନା ଚାଲିଛି। ରାଜ୍ୟ ସରକାରଙ୍କର ଚଳିତବର୍ଷର ଏହା ପ୍ରଥମ କ୍ୟାବିନେଟ୍ ବୈଠକ।

## ପ୍ରାକୃତିକ ବିପର୍ଯ୍ୟୟ ଘୋଷଣା

ନିକଟ ଅତୀତରେ ହୋଇଥିବା ଅଦିନିଆ ବର୍ଷାକୁ ରାଜ୍ୟ ସରକାର ପ୍ରାକୃତିକ ବିପର୍ଯ୍ୟୟ ଭାବେ ଘୋଷଣା କରିଛନ୍ତି। ଭୁବନେଶ୍ୱର ବରମୁଣ୍ଡା ପଡିଆଠାରେ କୃଷି ଓଡ଼ିଶା ସମ୍ମିଳନୀ-୨୦୨୫କୁ ଉଦ୍‌ଘାଟନ କରି ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ କହିଛନ୍ତି, ଚାଷୀମାନଙ୍କର କ୍ଷତିକୁ ଦେଖି ସରକାର ଏହି ପଦକ୍ଷେପ ନେଇଛନ୍ତି। ସୂଚନା ଅନୁସାରେ, ଅଦିନିଆ ବର୍ଷା ଜନିତ ଫସଲ କ୍ଷୟକ୍ଷତି ବାବଦରେ ବିଭିନ୍ନ ଜିଲ୍ଲା ପ୍ରଶାସନ ପକ୍ଷରୁ ମିଳିଥିବା ତଥ୍ୟ ଅନୁସାରେ, ୬ ଲକ୍ଷ ୬୬ ହଜାର ୭୨୦ ଜଣ ଚାଷୀ ଅଦିନିଆ ବର୍ଷା ଯୋଗୁଁ କ୍ଷତିଗ୍ରସ୍ତ ହୋଇଛନ୍ତି। ୨ ଲକ୍ଷ ୨୬ ହଜାର ୭୯୧ ହେକ୍ଟର ଜମିରେ ୩୩ ପ୍ରତିଶତରୁ ଅଧିକ  ଫସଲ ବର୍ଷାଯୋଗୁଁ ନଷ୍ଟ ହୋଇଛି। ରାଜ୍ୟ ବିପର୍ଯ୍ୟୟ ରିଲିଫ୍ ପାଣ୍ଠିରୁ କ୍ଷତିଗ୍ରସ୍ତ ଚାଷୀମାନଙ୍କୁ ୨୯୧ କୋଟି ୫୯ ଲକ୍ଷ ଟଙ୍କାର ସହାୟତା ରାଶି ପ୍ରଦାନ କରାଯିବ ବୋଲି ମୁଖ୍ୟମନ୍ତ୍ରୀ କହିଛନ୍ତି।  ଉଦ୍‌ଘାଟନ

ସମାରୋହରେ ଉଦ୍‌ବୋଧନ ଦେଇ ମୁଖ୍ୟମନ୍ତ୍ରୀ କହିଛନ୍ତି ଚାଷୀମାନଙ୍କୁ ଧାନର ସର୍ବନିମ୍ନ ସହାୟକ ମୂଲ୍ୟ ଏମ୍‌ଏସ୍‌ପି ବାବଦରେ ୨ ହଜାର ୩୦୦ ଟଙ୍କା ଏବଂ ଇନ୍‌ପୁଟ ସବ୍‌ସିଡି ବାବଦରେ ୮୦୦ ଟଙ୍କା ଦିଆଯାଉଛି।

ଅନ୍ୟପକ୍ଷରେ, ଫସଲବୀମା ଯୋଜନାର ଅବଧି ୭୨ ଘଣ୍ଟା ବୃଦ୍ଧି ଯୋଗୁଁ ୨ ଲକ୍ଷ ୬୧ ହଜାର ଚାଷୀ ଫସଲବୀମା ସହାୟତା ପାଇବା ପାଇଁ ଆବେଦନ କରିପାରିଛନ୍ତି ବୋଲି ମୁଖ୍ୟମନ୍ତ୍ରୀ କହିଛନ୍ତି। କ୍ଷତିପୂରଣ ବାବଦରେ ଆଜିଠାରୁ ଡିବିଟି ଜରିଆରେ ଆର୍ଥିକ ସହାୟତା ଦେବା ଆରମ୍ଭ ହୋଇଛି। କୃଷି ଓଡ଼ିଶା ସମ୍ମିଳନୀରେ ଅନ୍ୟମାନଙ୍କ ମଧ୍ୟରେ ଉପମୁଖ୍ୟମନ୍ତ୍ରୀ କନକ ବର୍ଦ୍ଧନ ସିଂହଦେଓ, ରାଜସ୍ୱମନ୍ତ୍ରୀ ସୁରେଶ ପୂଜାରୀଙ୍କ ସମେତ କୃଷି ସଚିବ ଅରବିନ୍ଦ ପାଢ଼ୀ ଉପସ୍ଥିତ ଥିଲେ। ସମ୍ମିଳନୀରେ ରାଜ୍ୟର ସମସ୍ତ ଜିଲ୍ଲାର ଚାଷୀ ଭାଗ ନେଇଛନ୍ତି।

## ବଜେଟ୍ ମତାମତ

ରାଜ୍ୟ ସରକାର ଆସନ୍ତା ୨୦୨୫-୨୬ ଆର୍ଥିକବର୍ଷ ବଜେଟ୍ ପୂର୍ବରୁ ଜନସାଧାରଣଙ୍କର ପରାମର୍ଶ ଆହ୍ୱାନ କରିଛନ୍ତି। ଅର୍ଥବିଭାଗ ପକ୍ଷରୁ ଜନସାଧାରଣଙ୍କଠାରୁ ମତାମତ ସଂଗ୍ରହ ନିମନ୍ତେ ଏକ ସ୍ୱତନ୍ତ୍ର ୱେବ୍ ପୋର୍ଟାଲ ପ୍ରସ୍ତୁତ କରାଯାଇଛି। ଜନସାଧାରଣ ୱେବ୍ ପୋର୍ଟାଲ **budget.odisha.gov.in** କିମ୍ୱା **odisha.budget@gov.in** ରେ ଇ-ମେଲ କରି  ନିଜର ମତାମତ ଜଣାଇ ପାରିବେ। ସେହିପରି ହ୍ୱାଟସ୍‌ଆପ୍ ନମ୍ବର ୯୪୩୮୧-୬୧୧-୧୧ ଏବଂ ସାମାଜିକ ଗଣମାଧ୍ୟମ ଏକ୍ସରେ ମଧ୍ୟ ନିଜର ମତାମତ ଚଳିତମାସ ଶେଷ ତାରିଖ ସୁଦ୍ଧା ପଠାଇ ପାରିବେ।

## ବିମାନ ଉଡ଼ାଣ

ଭୁବନେଶ୍ୱର ବିଜୁ ପଟ୍ଟନାୟକ ଆନ୍ତର୍ଜାତିକ ବିମାନ ବନ୍ଦରରୁ ଆଜିଠାରୁ ଇନ୍ଦୋର, ଡେରାଡୁନ, କୋଚି, ଜୟପୁର ଏବଂ ଲକ୍ଷ୍ନୌକୁ ସିଧାସଳଖ ବିମାନ ସେବା ଆରମ୍ଭ ହୋଇଛି ।

ଅନ୍ୟପକ୍ଷରେ, ଝାରସୁଗୁଡା ବୀର ସୁରେନ୍ଦ୍ର ସାଏ ବିମାନ ବନ୍ଦରରୁ ଗତ ୧ ତାରିଖଦିନ ନୂଆବର୍ଷରେ ହାଇଦ୍ରାବାଦ, ରାୟପୁର, ଲକ୍ଷ୍ନୌ ଏବଂ ମୁମ୍ବାଇକୁ ବିମାନ ସେବା ଆରମ୍ଭ ହୋଇଥିଲା । ବିମାନ ସେବା ପ୍ରଦାନକାରୀ ସଂସ୍ଥା ଇଣ୍ଡିଗୋ ଏବଂ ଏୟାର ଇଣ୍ଡିଆ ପକ୍ଷରୁ ବିମାନସେବା ଦିଆଯାଇଛି ।

## ଆଳୁ କଳାବଜାରୀ

ଆଳୁର ଚୋରା କାରବାର ଏବଂ ଚଢ଼ା ଦରରେ ବିକ୍ରୟ କରୁଥିବା କଳାବଜାରୀଙ୍କ ଉପରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ନିଆଯିବ ବୋଲି ଯୋଗାଣମନ୍ତ୍ରୀ କୃଷ୍ଣଚନ୍ଦ୍ର ପାତ୍ର କହିଛନ୍ତି । ବଜାରରେ ବର୍ତ୍ତମାନ କିଛି ଅସାଧୁ ବ୍ୟବସାୟୀ ଆଳୁକୁ ଚଢ଼ା ଦରରେ ବିକ୍ରି କରୁଥିବା ସୂଚନା ମିଳିଛି । ସେମାନଙ୍କ ବିରୋଧରେ ଆଇନ୍‌ଗତ କାର୍ଯ୍ୟାନୁଷ୍ଠାନ ସହ ଜରିମାନା ପାଇଁ ବିଭାଗୀୟ ଅଧିକାରୀମାନଙ୍କୁ ମନ୍ତ୍ରୀ ଶ୍ରୀ ପାତ୍ର ନିର୍ଦ୍ଦେଶ ଦେଇଛନ୍ତି ।

ଅନ୍ୟ ଏକ ପ୍ରସଙ୍ଗରେ ମନ୍ତ୍ରୀ ଶ୍ରୀ ପାତ୍ର କହିଛନ୍ତି, ଚିଟ୍‌ଫଣ୍ଡ୍ କ୍ଷତିଗ୍ରସ୍ତ ଜମାକାରୀମାନଙ୍କୁ ଖୁବ୍ ଶୀଘ୍ର ଟଙ୍କା ଫେରସ୍ତ କରାଯିବା ନେଇ ସରକାର ଉଦ୍ୟମ ଜାରି ରଖିଛନ୍ତି ।

## ରାଜ୍ୟପାଳ ଶପଥଗ୍ରହଣ

ଓଡ଼ିଶାର ୨୭ତମ ରାଜ୍ୟପାଳ ଭାବେ ଡକ୍ଟର ହରିବାବୁ କମ୍ଭମ୍‌ପାଟି ଆଜି ପୂର୍ବାହ୍ନରେ ରାଜଭବନଠାରେ ଶପଥ ନେଇଛନ୍ତି । ଓଡ଼ିଶା ହାଇକୋର୍ଟର ମୁଖ୍ୟ ବିଚାରପତି ଜଷ୍ଟିସ୍ ଚକ୍ରଧାରୀ ଶରଣ ସିଂହ ଡକ୍ଟର କମ୍ଭମ୍‌ପାଟିଙ୍କୁ ପଦ ଓ ଗୋପନୀୟତାର ଶପଥପାଠ କରାଇଛନ୍ତି । ଶପଥଗ୍ରହଣ ପରେ ନବନିଯୁକ୍ତ ରାଜ୍ୟପାଳଙ୍କ ସମ୍ମାନାର୍ଥେ ରାଜଭବନ ପରିସରରେ ପୁଲିସ୍ ବାହିନୀ ପକ୍ଷରୁ ଗାର୍ଡ ଅଫ୍ ଅନର ପ୍ରଦାନ କରାଯାଇଥିଲା ।

## ପ୍ରବାସୀ ଭାରତୀୟ ସମ୍ମିଳନୀ

ରାଜଧାନୀ ଭୁବନେଶ୍ୱରରେ ୧୮ତମ ପ୍ରବାସୀ ଭାରତୀୟ ସମ୍ମିଳନୀ ଆସନ୍ତା ଜାନୁୟାରୀ ୮ ତାରିଖରୁ ଆରମ୍ଭ ହେବ ।  ସମ୍ମିଳନୀର ସୁରକ୍ଷାକୁ ଦୃଷ୍ଟିରେ ରଖି କମିଶନରେଟ୍ ପୁଲିସ୍ ପକ୍ଷରୁ ବ୍ୟାପକ ସୁରକ୍ଷା ବ୍ୟବସ୍ଥା ଗ୍ରହଣ କରାଯାଇଛି । ଭୁବନେଶ୍ୱର-କଟକ ପୁଲିସ୍ କମିଶନର କହିଛନ୍ତି...

## - V/O -

ସୂଚନାଯୋଗ୍ୟ, ଭୁବନେଶ୍ୱରଠାରେ ଆୟୋଜନ ହେବାକୁ ଥିବା ୩ ଦିନିଆ କାର୍ଯ୍ୟକ୍ରମରେ ପ୍ରାୟ ୭ ହଜାର ପ୍ରବାସୀ ଭାରତୀୟ ଯୋଗଦେବେ ବୋଲି ରାଜ୍ୟ ସରକାରଙ୍କ ପକ୍ଷରୁ କୁହାଯାଇଛି । ବର୍ତ୍ତମାନସୁଦ୍ଧା ୪୫ଟି ଦେଶର ୧ ହଜାର ୪୯୩ ଜଣ ପ୍ରବାସୀ ଭାରତୀୟ ନାମ ପଞ୍ଜୀକରଣ କରିଥିବା ବୈଦେଶିକ ମନ୍ତ୍ରଣାଳୟ ସୂତ୍ରରୁ ଜଣାପଡିଛି ।

## ସଡକ ସୁରକ୍ଷା

'ସୁରକ୍ଷିତ ଭାବେ ଘରକୁ ଫେରନ୍ତୁ' ଚଳିତବର୍ଷର ସଡକ ସୁରକ୍ଷା ସପ୍ତାହ ପାଳନର ସଚେତନତା ବାର୍ତ୍ତା ନେଇ ରାଜ୍ୟର ସମସ୍ତ ଜିଲ୍ଲାରେ ସଡକ ସୁରକ୍ଷା ସପ୍ତାହ ପାଳନ କରାଯାଉଛି।

ସଡ଼କ ଦୁର୍ଘଟଣାରେ ଅଧିକରୁ ଅଧିକ ଜୀବନକୁ କିପରି ରକ୍ଷା କରାଯାଇପାରିବ ସେହି ସମ୍ବନ୍ଧରେ ବାର୍ତ୍ତା ଦିଆଯାଉଛି। ଜିଲ୍ଲାସ୍ତରରେ ଆଞ୍ଚଳିକ ପରିବହନ କାର୍ଯ୍ୟାଳୟ ଏବଂ ପୁଲିସର ମିଳିତ ସହଯୋଗରେ ବିଭିନ୍ନ ସଚେତନତା ମୂଳକ ସଡ଼କ ସୁରକ୍ଷା ସମ୍ବନ୍ଧୀୟ କାର୍ଯ୍ୟକ୍ରମମାନ ଆୟୋଜନ କରାଯାଉଛି।

ଚଳିତମାସକୁ ଜାତୀୟ ସଡକ ସୁରକ୍ଷା ମାସ ରୂପେ ପାଳନ କରିବା ପାଇଁ କେନ୍ଦ୍ର ସଡକ ପରିବହନ ମନ୍ତ୍ରୀ ନୀତିନ୍ ଗଡକରୀ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କୁ ଅନୁରୋଧ କରିଛନ୍ତି।

## ମାଓବାଦୀ ନିହତ

ନୂଆପଡା ଜିଲ୍ଲା ସୀମାନ୍ତ ଛତିଶଗଡ଼ ଗରିଆବନ୍ଧ ଜିଲ୍ଲା ଇନ୍ଦା ଗାଁ ନିକଟସ୍ଥ ଜଙ୍ଗଲରେ ମାଓବାଦୀ ଏବଂ ଏସ୍.ଓ.ଜି. ସୁରକ୍ଷାକର୍ମୀଙ୍କ ମଧ୍ୟରେ ଗୁଳି ବିନିମୟରେ ୩ ଜଣ ମାଓବାଦୀ ନିହତ ହୋଇଥିବା ନୂଆପଡା ଆରକ୍ଷୀ ଅଧିକ୍ଷକ ରାଘବେନ୍ଦ୍ର ରେଡ୍ଡୀ କହିଛନ୍ତି। ଏସ୍.ଓ.ଜି. ଯବାନ୍‌ଙ୍କ ସର୍ଚ୍ଚ ଅପରେସନ୍‌ରେ କେତେକ ମାରଣାସ୍ତ୍ର ଜବତ କରାଯାଇଛି। ବର୍ତ୍ତମାନସୁଦ୍ଧା ଗୁଳିବିନିମୟ ଜାରି ରହିଛି ବୋଲି ପୁଲିସ୍ ସୂତ୍ରରୁ ଉଦ୍ଧାର କରି ଆମ ସମ୍ବାଦଦାତା ଜଣାଇଛନ୍ତି।

## ପାଣିପଞ୍ଚାୟତ ପକ୍ଷ

ରାଜ୍ୟ ଜଳସମ୍ପଦ ବିଭାଗ ପକ୍ଷରୁ ଜିଲ୍ଲାସ୍ତରରେ ପାଣିପଞ୍ଚାୟତ ପକ୍ଷ ପାଳନ ଅବସରରେ ରାଜ୍ୟର ସମସ୍ତ ଜିଲ୍ଲାରେ  ଦ୍ୱିତୀୟ ପର୍ଯ୍ୟାୟରେ ବିଭିନ୍ନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି । ଜଳ ସଂରକ୍ଷଣ ଏବଂ ଉପଯୁକ୍ତ ପରିଚାଳନା କ୍ଷେତ୍ରରେ ପାଣିପଞ୍ଚାୟତ ଓ କୃଷକମାନଙ୍କର ଗୁରୁତ୍ୱପୂର୍ଣ୍ଣ ଅବଦାନକୁ ସ୍ୱୀକୃତି ଦେବା ସହିତ ପଞ୍ଚାୟତ ଗୁଡ଼ିକୁ ସଚେତନ କରିବା ଉଦ୍ଦେଶ୍ୟରେ ପାଣିପଞ୍ଚାୟତ ପକ୍ଷ ପାଳନ କରାଯାଇଥାଏ ।

**ବୌଦ୍ଧ** ଜିଲ୍ଲା ଜଳସମ୍ପଦ ବିଭାଗ ପକ୍ଷରୁ ପାଣି ପଞ୍ଚାୟତ ପକ୍ଷ ପାଳିତ ହୋଇଛି। ଜିଲ୍ଲାପାଳ ସୁବ୍ରତ କୁମାର ପଣ୍ଡାଙ୍କ ସଭାପତିତ୍ୱରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ପାଣିର ଅପଚୟ, ଅପବ୍ୟବହାର ରୋକିବାକୁ ଜଳବଣ୍ଟନର ସୁପରିଚାଳନା ଉପରେ ଅତିଥିମାନେ ପରାମର୍ଶ ଦେଇଥିଲେ।

ବ୍ରହ୍ମପୁର କ୍ଷୁଦ୍ର ଜଳସେଚନ ବିଭାଜନ ଆନୁକୂଲ୍ୟରେ ପାଣି ପଞ୍ଚାୟତ ପକ୍ଷ **ଗଞ୍ଜାମ** ଜିଲ୍ଲାର କବିସୂର୍ଯ୍ୟନଗର, ବାଉଁଶିଆ ହନୁମାନ ମଠ ପ୍ରାଙ୍ଗଣରେ ଅନୁଷ୍ଠିତ ହୋଇଯାଇଛି।

## ଧନୁଯାତ୍ରା

ବରଗଡ଼ର ବିଶ୍ୱପ୍ରସିଦ୍ଧ ୭୭ତମ ଧନୁଯାତ୍ରା ମହୋତ୍ସବ ଆଜିଠାରୁ ଆରମ୍ଭ ହୋଇଛି । ପୌରାଣିକ କଥାବସ୍ତୁ ଅନୁସାରେ ମଥୁରାରେ ମହାରାଜ କଂସଙ୍କର ରାଜୁତି ଏବଂ ଗୋପପୁରରେ ଶ୍ରୀକୃଷ୍ଣ ଓ ଶ୍ରୀବଳରାମଙ୍କ ବାଲ୍ୟଲୀଳା ଅଭିନୀତ

ହେବ। ଉଦ୍‌ଘାଟନ ଦିବସରେ ଆଜି ଦେବକୀ ଓ ବସୁଦେବଙ୍କ ବିବାହ, ମହାରାଜ କଂସଙ୍କ ସିଂହାସନ ଆରୋହଣ, ଦେବକୀ ଓ ବସୁଦେବଙ୍କୁ ବନ୍ଦୀ କରି କାରାଗାରକୁ ପଠାଯିବ। ଧନୁଯାତ୍ରା ସମ୍ପର୍କରେ ଆମର ବରଗଡ଼ ସମ୍ବାଦଦାତା ଉମେଶ ଚନ୍ଦ୍ର ବିଶ୍ୱାଳ ଆକାଶବାଣୀକୁ କହିଛନ୍ତି..

**- V/O -**

ବରଗଡ଼ ସହରର ଗାନ୍ଧିଛକଠାରୁ ଏକ ସାଂସ୍କୃତିକ ଶୋଭାଯାତ୍ରା ବାହାରି ସହର ପରିକ୍ରମା କରିଛି। ବରଗଡ଼ ସହରର ହାଟପଦାଠାରେ ରାଜଦରବାର ନିର୍ମାଣ ହୋଇଥିବାବେଳେ ନିଶାମଣି ସ୍କୁଲ୍‌ପଡ଼ିଆରେ ଭବ୍ୟ ରଙ୍ଗମହଲ ତିଆରି ହୋଇଛି । ୧୧ ଦିନ ପାଇଁ ବରଗଡ଼ ସହର 'ମଥୁରା' ଏବଂ ଅମ୍ବାପଲ୍ଲି ଅଞ୍ଚଳକୁ 'ଗୋପପୁର' କରାଯାଇଛି ।

## ଓଡ଼ିଶା ଚାଉଳ ଦୁବାଇ ରପ୍ତାନୀ

ଓଡ଼ିଶାର ସୁଗନ୍ଧିତ ଚାଉଳ ଦୁବାଇକୁ ରପ୍ତାନୀ ହେବା ନେଇ ଓଡ଼ିଶାର ଏକ ଘରୋଇ କମ୍ପାନୀ ଏବଂ ଦୁବାଇର ଦୁଇଟି କମ୍ପାନୀ ସହିତ ମୁଖ୍ୟମନ୍ତ୍ରୀଙ୍କ ଉପସ୍ଥିତିରେ ଚୁକ୍ତିନାମା ସ୍ୱାକ୍ଷରିତ ହୋଇଛି।

ଏ ସମ୍ପର୍କରେ ଦୁବାଇର ଦୁଇଟି ସଂସ୍ଥା ସହିତ ଓଡ଼ିଶା କୃଷି ବିଭାଗ ମଧ୍ୟ ଚୁକ୍ତିପତ୍ର ସ୍ୱାକ୍ଷରିତ କରିଛି।

## ହକି ଇଣ୍ଡିଆ ଲିଗ୍

ରାଉରକେଲାର ବିର୍ସା ମୁଣ୍ଡା ହକି ଷ୍ଟାଡିୟମ୍‌ରେ ଆଜି ତାମିଲନାଡୁ ଡ୍ରାଗନ୍ସ ଏବଂ କଳିଙ୍ଗ ଲାନସର୍ସ ମଧ୍ୟରେ ମୁକାବିଲା ହେବ। ମ୍ୟାଚ୍ ରାତି ୮ଟା ୧୫

ମିନିଟ୍ ସମୟରେ ଖେଳାଯିବ। ଉଭୟ ଦଳ ପୂର୍ବରୁ ଗୋଟିଏ ଲେଖାଏଁ ମ୍ୟାଚ୍ ଖେଳି ପରାଜିତ ହୋଇଛନ୍ତି।

ଗତକାଲି ଖେଳାଯାଇଥିବା ମ୍ୟାଚ୍‌ରେ ୟୁପି ରୁଦ୍ରାଶ' ୩/୦ ଗୋଲ୍‌ରେ ସୁରମା ହକି କ୍ଲବ୍‌କୁ ହରାଇ ପଏଣ୍ଟ ଟେବୁଲ୍‌ର ଶୀର୍ଷ ସ୍ଥାନରେ ରହିଛି।

*********************************